# NATIONAL NEWS BULLETIN (ODIA)

## 4 September 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଅଟୋମୋଟିଭ୍ ଶିଳ୍ପର ସ୍ଥାନୀୟ କରଣକୁ ଦୃଢ଼ କରିବା ଉପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ – ଇସ୍ରୋ ଦ୍ୱାରା ସଫଳତାର ସହ ଉତ୍କ୍ଷେପଣ ହେଲା ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ **EOS-05** ।
- ଧାର୍ମିକ ଉତ୍ସାହ ଓ ଉଦ୍ଦିପନାର ସହ ଆଜି ସାରା ଦେଶରେ ପାଳନ କରାଯାଉଛି ଜନ୍ମାଷ୍ଟମୀ ପର୍ବ ।
- ନେପାଳ ବନ୍ୟାରେ ନିଖୋଜ ଭାରତୀୟ ନାଗରୀକଙ୍କୁ ଚିହ୍ନଟ କରିବା ଲାଗି ଫୋରେନ୍‌ସିକ୍ ସେବା ଯୋଗାଇଦେବ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ।

ଏବଂ

- ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍ ମ୍ୟାଚ୍‌ରେ ଗତକାଲି ହଂକଂକୁ ୧୩୭ରନ୍‌ରେ ପରାସ୍ତ କଲା ଭାରତ ।

# ଗୋୟଲ-ଅଟୋମୋଟିଭ୍ ଇଣ୍ଡଷ୍ଟ୍ରି

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଅଟୋମୋଟିଭ୍ ଶିଳ୍ପର ସ୍ଥାନୀୟ କରଣକୁ ଦୃଢ଼ କରିବା, ରପ୍ତାନୀ ବୃଦ୍ଧି କରିବା ଏବଂ ବିଶ୍ୱ ବଜାରରେ ସେବା ଯୋଗାଇବା ଲାଗି ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ୬୬ତମ ଭାରତୀୟ ଅଟୋମୋବାଇଲ୍ ନିର୍ମାତା ସଂଘ – ସିଆମ୍ ର ବାର୍ଷିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ବାଣିଜ୍ୟ କ୍ଷେତ୍ରରେ ଭାରତର ସହଭାଗିତା, ବୃଦ୍ଧି ପାଉଥିବା ଘରୋଇ ବଜାର ଏବଂ ବିଶ୍ୱରେ ଉତ୍ପାଦନ କ୍ଷେତ୍ରରେ ଦେଖାଦେଉଥିବା ପରିବର୍ତ୍ତନର ସୁଯୋଗକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ।

ସେ କହିଛନ୍ତି, ଆଗାମୀ ବର୍ଷ ଗୁଡ଼ିକରେ ଭାରତର ବିକାଶ ଯାତ୍ରାରେ ଅଟୋମୋଟିଭ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସେ କହିଛନ୍ତି, ଭାରତୀୟ ଶିଳ୍ପ ଦୃଢ଼ ଅଭିବୃଦ୍ଧି ପ୍ରଦର୍ଶନ କରୁଛି ଏବଂ ଦେଶର ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ଏହି ଅଭିବୃଦ୍ଧି ସହାୟକ ହେବ । କୃତ୍ରିମ ବୁଦ୍ଧିମତା ଅଟୋମୋଟିଭ୍ ଶିଳ୍ପକୁ ଅଧିକ ଦକ୍ଷ, ପ୍ରତିଯୋଗିତା ମୂଳକ ଓ ଗ୍ରାହକ ଅନୁକୂଳ ହେବା ଦିଗରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି ।

## ଇସ୍ରୋ-ସାଟେଲାଇଟ୍

ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ ଇସ୍ରୋ ପକ୍ଷରୁ ସଫଳତାର ସହ ପୃଥ୍ୱୀ ନିରୀକ୍ଷଣ ଉପଗ୍ରହ **EOS-05** ଉତ୍କ୍ଷେପଣ କରାଯାଇଛି । ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ **GSLV** ରକେଟ୍ ସାହାଯ୍ୟରେ ଆଜି ଭୋର୍ ସମୟରେ ଏହି ଉପଗ୍ରହ ଉତ୍ପେକ୍ଷଣ କରାଯାଇଥିବା ସୂଚନା ଦିଆଯାଇଛି । ଉତ୍କ୍ଷେପଣ ହେବାର ୧୮ ମିନିଟ୍ ପରେ ଏହି ଉପଗ୍ରହ କକ୍ଷପଥରେ ସଫଳତାର ସହ ସ୍ଥାପିତ ହୋଇଛି । ୨୭ ଘଣ୍ଟାର ଅବଗଣନା ଶେଷ ହେବା ପରେ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ୨ହଜାର ୩୬୭ କିଲୋଗ୍ରାମ ବିଶିଷ୍ଟ **EOS-05** ଉପଗ୍ରହକୁ ସକାଳ ୨ଟା ୫୫ ମିନିଟ୍‌ରେ ଉତ୍କ୍ଷେପଣ କରାଯାଇଥିଲା । ଏହି ଉପଗ୍ରହ କୃଷି ଏବଂ ବିପର୍ଯ୍ୟୟ ପରିଚାଳନା ସମେତ ଭାରତର ପୃଥ୍ୱୀ ନିରୀକ୍ଷଣ କ୍ଷମତାକୁ ଆହୁରି ମଜବୁତ କରିବ ।

## ଜନ୍ମାଷ୍ଟମୀ

ଧାର୍ମିକ, ଉତ୍ସାହ ଓ ଉଦ୍ଦିପନାର ସହ ଆଜି ସାରା ଦେଶରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମକୁ ନେଇ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଛି । ଏହି ଅବସରରେ ଶ୍ରଦ୍ଧାଳୁମାନେ ଉପବାସ ରଖିବା ସହ ମନ୍ଦିରକୁ ଯାଇ

ପୂଜାପାଠ କରିବାର ପରମ୍ପରା ରହିଛି । ବିଶେଷ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରିୟ ମିଠା ଏବଂ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତ କରି ଅର୍ପଣ କରାଯିବ । ଆଜି ଦିନ ତମାମ ମନ୍ଦିର ସମେତ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ଭଜନ ଓ ସଂକୀର୍ତ୍ତନ ପରିବେଷଣ କରାଯାଇଥାଏ । ଶ୍ରୀକୃଷ୍ଣଙ୍କ ଜୀବନର କେତେକ ଘଟଣା, ବିଶେଷ କରି ତାଙ୍କ ପିଲାବେଳର  ଲୀଳାଖେଳାକୁ ନେଇ ଗୋକୁଳ ଏବଂ ବୃନ୍ଦାବନକୁ ସୁସଜ୍ଜିତ କରାଯାଇଛି ।

ଆମ ଉତ୍ତରପ୍ରଦେଶ ସମ୍ବାଦଦାତାଙ୍କ ରିପୋର୍ଟ୍ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ନଗରୀ ମଥୁରା-ବୃନ୍ଦାବନକୁ ଆଜି ରାତିରେ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯିବ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ମଥୁରାରେ ଜନ୍ମାଷ୍ଟମୀ ଉତ୍ସବରେ ଅଂଶଗ୍ରହଣ କରିବେ । ଦେଶ ଓ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସହରରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି ।

ଜନ୍ମାଷ୍ଟମୀ ପର୍ବ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି,  ଶ୍ରୀକୃଷ୍ଣଙ୍କ ଜୀବନୀ ଓ ଶିକ୍ଷା ଭାରତର ସାଂସ୍କୃତିକ ଓ ଦାର୍ଶନୀକ ଐତିହ୍ୟକୁ ଜୀବନ୍ତ କରିଛି । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଶିକ୍ଷା, ଦର୍ଶନ ତତ୍ତ୍ୱ, ତ୍ୱରିତ ନିଷ୍ପତ୍ତି ଗ୍ରହଣ କରିବା ଏବଂ ନୈତିକ ମୂଲ୍ୟବୋଧ ବଜାୟ ରଖିବା ଭଳି ପ୍ରସଙ୍ଗ ମାନବ ଜାତି ପାଇଁ ଅନନ୍ତ ଉତ୍ସ ହୋଇ ରହିଛି ବୋଲି

ରାଷ୍ଟ୍ରପତି କହିଛନ୍ତି । ଜନ୍ମାଷ୍ଟମୀ ପର୍ବ ସମସ୍ତଙ୍କୁ ସଦ୍‌ଭାବନା, କର୍ତ୍ତବ୍ୟ ଏବଂ ସେବା ପ୍ରତି ସମର୍ପଣ ଭାବନାକୁ ବଜାୟ ରଖିବାକୁ ପ୍ରେରଣା ଦେଇଥାଏ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଜନ୍ମାଷ୍ଟମୀ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଏବଂ ଅସୀମ ପ୍ରେମ ଆମ ସମସ୍ତଙ୍କୁ ଏକ କରିଛି । ଭଗବତ ଗୀତାର ଗଭୀର ଜ୍ଞାନ, କର୍ତ୍ତବ୍ୟ, ନୀତି, ନ୍ୟାୟ ଓ ସାହସ ଜୀବନରେ ସନ୍ତୁଳନ ରକ୍ଷା କ୍ଷେତ୍ରରେ ମାର୍ଗଦର୍ଶନ ପ୍ରଦାନ କରୁଥିବା ସେ କହିଛନ୍ତି ।

## ଏମ୍‌ଇଏ-ଡିଏନ୍‌ଏ ପ୍ରୋଫାଇଲ୍

ନେପାଳରେ ଭୟଙ୍କର ବନ୍ୟାରେ ନିଖୋଜ ଥିବା ଭାରତୀୟ ନାଗରିକଙ୍କୁ ଚିହ୍ନଟ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ୱତନ୍ତ୍ର ସେବା ଯୋଗାଇଦେବା ଲାଗି ନିଷ୍ପତ୍ତି ଗ୍ରହଣ କରିଛି । ନିଖୋଜ ଥିବା ବ୍ୟକ୍ତିଙ୍କ ପ୍ରଥମ ଜୈବିକ ସମ୍ପର୍କୀୟଙ୍କ ଡି.ଏନ୍.ଏ. ଚିହ୍ନଟ ପାଇଁ କେନ୍ଦ୍ର ଓ ରାଜ୍ୟରେ ଥିବା ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ଏବଂ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପରୀକ୍ଷାଗାରଗୁଡ଼ିକର ସେବା ଯୋଗାଇଦେବ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭାରତରେ

ରହୁଥିବା ନିଖୋଜ ନାଗରିକଙ୍କ ପ୍ରଥମ ଜୈବିକ ସମ୍ପର୍କୀୟମାନେ ସେମାନଙ୍କ ଡି.ଏନ୍.ଏ. ନମୁନା ସଂଗ୍ରହ କରି ସୁବିଧାରେ ଡି.ଏନ୍.ଏ. ଚିହ୍ନଟ କରାଇପାରିବେ । ନେପାଳ ପୋଲିସର ପରାମର୍ଶ ଅନୁଯାୟୀ ନିଖୋଜଙ୍କ ପରିଚୟ ଜାଣିବା ନିମନ୍ତେ ଅଟୋସୋମାଲ ଏସ୍.ଟି.ଆର୍. ଡି.ଏନ୍.ଏ. ଚିହ୍ନଟ ବ୍ୟବସ୍ଥା କରାଯିବ ।

ଏଥିଲାଗି ଏକ ସହାୟତା ନମ୍ବର ଜାରି କରାଯାଇଛି । ସେହି ନମ୍ବରଟି ହେଉଛି, **+977 9841 6160 95** । ଅଜ୍ଞାତ ମୃତ ଶରୀରରୁ ସଂଗ୍ରହ କରାଯାଇଥିବା ଡି.ଏନ୍.ଏ. ପ୍ରୋଫାଇଲ୍ ସହିତ ତୁଳନା କରିବା ଲାଗି ନେପାଳୀ କର୍ତ୍ତୃପକ୍ଷଙ୍କୁ ଇ-ମେଲ୍ ଜରିଆରେ ଭାରତରୁ ସଂଗୃହୀତ ଡି.ଏନ୍.ଏ. ବିବରଣୀ ପଠାଯାଇପାରିବ । ଇ-ମେଲ୍ ଆଇଡି ହେଉଛି – **dnacodis@nepalpolice.gov.np** । ସଂଗୃହୀତ ଡି.ଏନ୍.ଏ. ରିପୋର୍ଟ୍‌ର ଏକ କପି କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସକୁ ମଧ୍ୟ ପଠାଯିବା ଲାଗି ବ୍ୟବସ୍ଥା କରାଯାଇଛି । ସେଥିପାଇଁ ଏକ ଇ-ମେଲ୍ ଆଇଡି ଜାରି କରାଯାଇଛି । ତାହା ହେଉଛି – **eoikathmandufloodsupport@gmail.com** ।

# ନେପାଳ ଆସିଷ୍ଟାନ୍ସ

ନେପାଳରେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଓ ସହାୟତା କାର୍ଯ୍ୟ ଜାରି ରଖିବା ନିମନ୍ତେ ଭାରତ ପକ୍ଷରୁ ସହଯୋଗ ଜାରି ରହିଛି । ସୂଚନା ଅନୁଯାୟୀ ଦୁଇଟି ବିମାନରେ ସେଠାକାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ଓ ସହାୟକ ଉପକରଣ ପଠାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୧ ଦଶମିକ୍ ୫ ଟନ୍ ପରିମାଣର ମାନବୀୟ ସହାୟତା ନେଇ ଯାଇଥିବା ଦୁଇଟି ବିମାନ ନେପାଳରେ ଅବତରଣ କରିଛି । ସେଠାକାର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ମନ୍ତ୍ରୀ ମହାବୀର ପୁନ୍‌ଙ୍କୁ ଏହି ସହାୟତା ହସ୍ତାନ୍ତର କରାଯାଇଛି ।

ସର୍ବଶେଷ ସୂଚନା ଅନୁଯାୟୀ ନେପାଳରେ ଭୟଙ୍କର ବନ୍ୟାରେ ମୃତ୍ୟୁ ସଂଖ୍ୟା ୧ ହଜାର ୨୫୯କୁ ବୃଦ୍ଧି ପାଇଛି । ୫ ହଜାରରୁ ଅଧିକ ଲୋକ ନିଖୋଜ ଥିବା ସୂଚନା ଦିଆଯାଇଛି । ଚିତ୍‌ୱନ ଅଞ୍ଚଳରୁ ସର୍ବାଧିକ ୩୩୫ଟି ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ନୱାଲ୍ ପାରସି ପୂର୍ବ ଅଞ୍ଚଳରୁ ୨୧୮ ଏବଂ ପଶ୍ଚିମାଞ୍ଚଳରୁ ୨୧୨ଟି ମୃତ ଦେହ ଉଦ୍ଧାର କରାଯାଇଛି ।

## ଭିପି-ଚଣ୍ଡିଗଡ଼ ୟୁନିଭରସିଟି

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଗସ୍ତ କରିବେ । ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ କେତେକ ଅତ୍ୟାଧୁନିକ ବ୍ୟବସ୍ଥାର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ପଞ୍ଜାବ ବିଶ୍ୱବିଦ୍ୟାଳୟ ଟେକ୍ ଇନୋଭେସନ ସମ୍ମିଳନୀର ମଧ୍ୟ ଉପରାଷ୍ଟ୍ରପତି ଶୁଭାରମ୍ଭ କରିବେ । ବିଶ୍ୱବିଦ୍ୟାଳୟର ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ।

## ବ୍ରିକ୍ସ

ନୂଆଦିଲ୍ଲୀରେ ଆଜି ବ୍ରିକ୍ସ ମୁଖ୍ୟ ବିଚାରପତିଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଏବଂ ଅଂଶୀଦାର ରାଷ୍ଟ୍ରଗୁଡ଼ିକର ପ୍ରଧାନ ଏବଂ ମୁଖ୍ୟ ବିଚାରପତି, ବରିଷ୍ଠ ନ୍ୟାୟିକ ଅଧିକାରୀ ଯୋଗଦେଇ ନ୍ୟାୟ ପ୍ରଦାନ, ଆନ୍ତର୍ଜାତିକ ବିବାଦର ସମାଧାନ, ପ୍ରଯୁକ୍ତିବିଦ୍ୟା ଏବଂ ନିରନ୍ତର ବିକାଶ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ମତ ବିନିମୟ କରିବେ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏହି ସମ୍ମିଳନୀ ଅବସରରେ ବିଭିନ୍ନ ରାଷ୍ଟ୍ରର ନ୍ୟାୟିକ ପ୍ରତିନିଧିମଣ୍ଡଳୀ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ରୁଷ୍, ଚୀନ୍, ଇଜିପ୍ଟ, ଇଣ୍ଡୋନେସିଆ, ସଂଯୁକ୍ତ ଆରବ

ଏମିରେଟ୍ସ୍, ବେଲାରୁଷ୍, କାଜାଖସ୍ତାନ, ଦକ୍ଷିଣ ଆଫ୍ରିକା, ଇରାନ୍ ଓ ଉଜ୍‌ବେକିସ୍ତାନର ନ୍ୟାୟିକ ପ୍ରତିନିଧିମଣ୍ଡଳୀ ସହ ପ୍ରଧାନ ବିଚାରପତି ଆଲୋଚନା କରିବେ ।

## କ୍ୱାଡ୍-ଶେର୍ପା ମିଟିଂ

ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ କ୍ୱାଡ୍ ଶେର୍ପା ବୈଠକରେ ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ହୋଇଛି । ଶେର୍ପାମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଓ ବିଶ୍ୱସ୍ତରରେ ସହଯୋଗ ଭିତ୍ତିକ ବିକାଶ ଉପରେ ବୈଠକରେ ମତବିନିମୟ କରିଥିଲେ । ଚଳିତ ବର୍ଷ ମେ ୨୬ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବୈଠର ଫଳାଫଳକୁ ଆଗକୁ ନେବା ପାଇଁ ଏହି ଶେର୍ପା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ଗୋଷ୍ଠୀର ଉପସଚିବ ଏଲି ଲସନ୍, ଜାପାନର ବୈଦେଶିକ ମନ୍ତ୍ରୀ ହିରୋୟୁକି ନମାଜୁ ଏବଂ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଉପସ୍ଥିତ ଥିଲେ ।

# ସ୍ପେନ୍-ବୋଟ୍ ଟ୍ରାଜେଡୀ

ସ୍ପେନ୍‌ର କାନାରି ଦ୍ୱୀପାଞ୍ଚଳରେ ପଶ୍ଚିମ ଆଫ୍ରିକୀୟ ପ୍ରବାସୀମାନଙ୍କୁ ନେଇ ଯାଉଥିବା ଏକ ବୋଟ୍ ଓଲଟି ପଡ଼ିବାରୁ ୫ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ କେତକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ରେଡ୍‌କ୍ରସ୍ ପକ୍ଷରୁ ୪୪ ଜଣଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି । ସମ୍ପୃକ୍ତ ବୋଟ୍‌ଟିରେ ୧୨୭ ଜଣ ଯାତ୍ରା କରୁଥିବା ବେଳେ ୮୩ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ସେଠାକାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# କ୍ରିକେଟ୍

ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ସେମିଫାଇନାଲ୍‌କୁ ଉନ୍ନିତ ହୋଇଛି । ଗତକାଲି ଦୁବାଇରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୧୩୭ରନ୍‌ରେ ବିଜୟ ହାସଲ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୯୩ରନ୍ ସ୍କୋର କରିଥିଲା । ସ୍ମୃତି ମନ୍ଧାନା ୬୪ଟି ବଲ୍‌ରୁ ୧୨୪ରନ୍ ସଂଗ୍ରହ କରି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ

ହୋଇଥିଲେ । ତେବେ ହଂକଂ ୧୬ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୫୬ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆସନ୍ତାକାଲି ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।